## ସଂକ୍ଷେପରେ

### କାର୍ ଧକ୍କାରେ ରାଜମିସ୍ତ୍ରି ମୃତ

କାମାକ୍ଷାନଗର, ୨୨।୮ (ଡି.ଏନ୍.ଏ.)
ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା କୀର୍ତ୍ତନପୁର ଗ୍ରାମ ନିକଟରେ ବୁଧବାର ସଡ଼କ ଦୁର୍ଘଟଣାରେ ଜଣେ ରାଜମିସ୍ତ୍ରି ପ୍ରାଣ ହରାଇଛନ୍ତି। ମୃତକ ହେଲେ କନ୍ଧରା ଗ୍ରାମର ଭରତ ସିଂ (୪୭)। ଭରତ ସକାଳୁ ବାଇକ୍ (ଓଆର୍ ୦୬ ଏଫ୍ ୭୩୧୦)ରେ କାମ କରିବାକୁ ଯାଉଥିବାବେଳେ ଏକ କାର୍ (ଓଡ଼ି ୧୪ଡି ୧୪୯୯) ତାଙ୍କୁ ସମ୍ମୁଖ ଭାଗରୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ମୃତଦେହ ଉଦ୍ଧାର କରି କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ଦୁର୍ଘଟଣା ଘଟାଇଥିବା ଡ୍ରାଇଭର ଥାନାରେ ଆତ୍ମସମର୍ପଣ କରିଛନ୍ତି। ତାଙ୍କୁ ଅଟକ ରଖାଯାଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରି ତଦନ୍ତ ଚଳାଇଛି।

### ବନ୍ୟା ଦୁର୍ଗତଙ୍କ ପାଇଁ ସହାୟତା ସଂଗ୍ରହ ଅଭିଯାନ

ଭୁବନ, ୨୨।୮ (ଡି.ଏନ୍.ଏ.)
କେରଳ ବନ୍ୟା ଦୁର୍ଗତଙ୍କୁ ସହାୟତା କରିବାକୁ ଆଗେଇ ଆସିଛି ଭୁବନ ଏବିଭିପି। ବୁଧବାରଠାରୁ ସଙ୍ଗଠନ ପକ୍ଷରୁ ବନ୍ୟା ବିପନ୍ନଙ୍କ ପାଇଁ ସହାୟତା ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି। ଏନ୍ଏସିର ବ୍ୟବସାୟୀଙ୍କଠାରୁ ଅର୍ଥ ଆଦାୟ କରାଯାଉଛି। ଏପରି କାର୍ଯ୍ୟକୁ ସହରବାସୀ ପ୍ରଶଂସା କରିଥିବାବେଳେ ଶତାଧିକ ଲୋକ ସ୍ୱଇଚ୍ଛାରେ ସହଯୋଗର ହାତ ବଢ଼ାଇଛନ୍ତି। ସଂଗୃହୀତ ଅର୍ଥରାଶି ଜିଲାପାଳଙ୍କ ଜରିଆରେ ରିଲିଫ୍ ପାଣ୍ଠିକୁ ପ୍ରଦାନ କରାଯିବ ବୋଲି ରାଜ୍ୟ ସଭାପତି ଦିଲୀପ ଦାସ ସୂଚନା ଦେଇଛନ୍ତି। ଏବିଭିପିର କାର୍ଯ୍ୟକର୍ତ୍ତା ଭଗବାନ ସାହୁ, ଗୋପାଳ ନାୟକ, ଜଗନ ବେଜ୍, ଚିନ୍ମୟ ପୃଷ୍ଟି, ନିରଞ୍ଜନ ଗୁରୁ, କେଶବ ସାହୁଙ୍କ ସମେତ ବହୁ କର୍ମକର୍ତ୍ତା ଏଥିରେ ସାମିଲ ହୋଇଛନ୍ତି।

### ତାଲା କାଟି ବାଇକ୍ ଚୋରି

କାମାକ୍ଷାନଗର, ୨୨।୮ (ଡି.ଏନ୍.ଏ.)
କାମାକ୍ଷାନଗର ସଦର ବିକ୍ରମ କଲୋନୀରୁ ମଙ୍ଗଳବାର ବିଳମ୍ବିତ ରାତିରେ ବାଇକ୍ (ଓଆର୍ ୧୯ଜି ୮୭୩୩) ଚୋରି ହୋଇଛି। ନିରଞ୍ଜନ ସ୍ୱାଇଁଙ୍କ ଭଡ଼ା ଘର ଗେଟ୍ ତାଲା କାଟି ଦୁର୍ବୃତ୍ତମାନେ ଗାଡ଼ି ଚୋରି କରି ନେଇଯାଇଛନ୍ତି। ଏ ସଂକ୍ରାନ୍ତରେ ବୁଧବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ କରୁଛି। ଖୁବ୍ଶୀଘ୍ର ଚୋରି ଗାଡ଼ିର ସନ୍ଧାନ ମିଳିବ ବୋଲି ଥାନାଧିକାରୀ ଜ୍ଞାନରଞ୍ଜନ ସାମଲ କହିଛନ୍ତି।

### ୪ କୋଇଲା ବୋଝେଇ ଟ୍ରକ୍ ଜବତ, ୪ ଗିରଫ



ଢେଙ୍କାନାଳ ଅଫିସ, ୨୨।୮
ଢେଙ୍କାନାଳ ସଦର ଥାନା ପଞ୍ଚୁପଟି ନିକଟରୁ ବୁଧବାର ପୋଲିସ ଚଢ଼ାଉ କରି ୪ କୋଇଲା ବୋଝେଇ ଟ୍ରକ୍ (ଓଆର ୧୯ ଏଫ୍ ୮୪୧୯, ଓଆର ୦୭ କ୍ୟୁ ୫୫୯୯, ଓଡି ୧୪ ଡି ୧୫୫୮, ଓଆର ୦୫ ଏଡି ୮୪୧୩) ଜବତ କରିଛି। ଏହି ଘଟଣାରେ ୪ ଜଣଙ୍କୁ ଗିରଫ କରାଯାଇଛି। ତାଳଚେର ଭରତପୁର ଅଞ୍ଚଳରୁ ପଞ୍ଚୁପଟିସ୍ଥିତ ଦୀପକ କୋଇଲା ଡିପୋକୁ କୋଇଲା ଚୋରା ଚାଲାଣ ହେଉଥିବା ସୂଚନା ପାଇ ଏସ୍ପି ସନ୍ତୋଷ କୁମାର ନାୟକଙ୍କ ନିର୍ଦ୍ଦେଶରେ ଥାନାଧିକାରୀ ମଳୟ ନାୟକ ସଦଳବଳ ଚଢ଼ାଉ କରିଥିଲେ। ଟ୍ରକ୍ଗୁଡ଼ିକରୁ ୬୪ଟନ୍ କୋଇଲା ଜବତ କରାଯାଇଛି। ଗୋଟିଏ ଟ୍ରକ୍ର ଚାଳକ ଏବଂ କୋଇଲା ଡିପୋ ମାଲିକ ଫେରାର ହୋଇଯାଇଛନ୍ତି। ଏ ନେଇ ନଂ. ୩୬୬/୧୮ରେ ଏକ ମାମଲା ରୁଜୁ କରାଯାଇଛି।

### ମହିଳା ସଶକ୍ତୀକରଣ କର୍ମଶାଳା

ଢେଙ୍କାନାଳ ଅଫିସ, ୨୨।୮
ଓଡ଼ାପଡ଼ା ବ୍ଲକ କାଣ୍ଡବିନ୍ଧା ଗ୍ରାମରେ ମଙ୍ଗଳବାର ଏକଦିବସୀୟ ମହିଳା ସଶକ୍ତୀକରଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏଲିମେଣ୍ଟାରି ଆଣ୍ଡ୍ ଟେକ୍ନିକାଲ ସ୍କିଲ କଉନ୍ସିଲ ସହଯୋଗରେ ନିଃଶୁଳ୍କ ସିଲେଇ ପ୍ରଶିକ୍ଷଣର ସମୀକ୍ଷା କରାଯାଇଥିଲା। ସାମାଜିକ କର୍ମୀ ମହେଶ ହେନ୍ତାଳିଆ, ସର୍ବୋଦୟ ସଦସ୍ୟ ବିଶ୍ୱତୋଷ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏଭଳି କାର୍ଯ୍ୟକ୍ରମ ଦ୍ୱାରା ଗ୍ରାମାଞ୍ଚଳର ମହିଳା ସ୍ୱାବଲମ୍ବୀ ହୋଇପାରିବେ ବୋଲି ସେମାନେ ମତବ୍ୟକ୍ତ କରିଥିଲେ। କେନ୍ଦ୍ର ପରିଚାଳକ ସୁବର୍ଣ୍ଣ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅନୁଭୂତି ବଖାଣିଲେ ବିଦେଶୀ ଛାତ୍ରୀଛାତ୍ର

# 'ବିମୋହିତ କରିଛି ସବୁଜିମା ପରିବେଶ'

ଢେଙ୍କାନାଳ ଅଫିସ, ୨୨।୮



ଢେଙ୍କାନାଳ ଜିଲା ପରିଦର୍ଶନରେ ଆସିଥିବା ବିଦେଶୀ ଛାତ୍ରୀଛାତ୍ରମାନେ।

ଅଗଷ୍ଟ ୪ରୁ ଢେଙ୍କାନାଳ ଜିଲା ପରିଦର୍ଶନରେ ଆସିଥିବା ଆମେରିକା ନ୍ୟୁୟର୍କସ୍ଥିତ ରୋଚେଷ୍ଟର ବିଶ୍ୱବିଦ୍ୟାଳୟର ୫ ଛାତ୍ରୀଛାତ୍ର ବୁଧବାର ଅନୁଭୂତି ବାଣ୍ଟିଛନ୍ତି। ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଶୋଭା' କାର୍ଯ୍ୟାଳୟରେ ବୁଧବାର ଆୟୋଜିତ ଭାବ ବିନିମୟ କାର୍ଯ୍ୟକ୍ରମରେ ଯୋଗଦେଇ ସେମାନେ ଜିଲା ପରିଦର୍ଶନର ମଧୁର ଘଟଣାବଳୀ ବଖାଣିଥିଲେ। ଢେଙ୍କାନାଳର ସବୁଜିମା ପରିବେଶରେ ସେମାନେ ଅତିମାତ୍ରାରେ ପ୍ରଭାବିତ ହୋଇଥିବା କହିଛନ୍ତି।

ଜିଲାର ପରିବେଶ, ସଂସ୍କୃତି, ଐତିହ୍ୟ ଏବଂ କଳା କାରିଗରି ସମ୍ପର୍କରେ ଜ୍ଞାନ ଆହରଣ କରିବାକୁ 'ଶୋଭା' ଅନୁଷ୍ଠାନ ଜରିଆରେ ଢେଙ୍କାନାଳ ଆସିଛନ୍ତି ରୋଚେଷ୍ଟର ବିଶ୍ୱବିଦ୍ୟାଳୟର ୫ ବିଦ୍ୟାର୍ଥୀ। ସେମାନଙ୍କ ମଧ୍ୟରେ ରହିଛନ୍ତି ରୁଷର ଛାତ୍ର ଡାଭିଡ୍ ବେଲକିନ, ଆମେରିକାର ଛାତ୍ରୀ ଡାନି ପାସ୍କୋଆ, ଏମିଲି କୋରବାଟ୍ ବାଲତେ, ପର୍ତ୍ତୁଗାଲର ଛାତ୍ରୀ ଲିନୋର ଟେଲ୍ସ ଏବଂ ଭିଏତନାମର ଛାତ୍ରୀ ନ୍ୟୁଗେନ୍। ଶିକ୍ଷାର୍ଥୀମାନେ ସଦର ଏବଂ ଓଡ଼ାପଡ଼ା ବ୍ଲକର ବିଭିନ୍ନ ଗ୍ରାମ ବୁଲି ଗ୍ରାମାଞ୍ଚଳ ମହିଳାଙ୍କ ଚଳଣି ସମ୍ପର୍କରେ ବହୁ ଜ୍ଞାନ ସାଉଁଟିଛନ୍ତି। ଜିଲାର ମହିଳାମାନେ ଖୁବ୍ ପରିଶ୍ରମୀ। ସେମାନେ ପରିବାରର ସମସ୍ତ ଦାୟିତ୍ୱ ବହନ କରୁଛନ୍ତି। ପରିବାରର ଆର୍ଥିକସ୍ଥିତି ସୁଧାରିବା ଦିଗରେ ସେମାନଙ୍କ ଉଦ୍ୟମ ପ୍ରଶଂସନୀୟ। ରାଜ୍ୟ ସରକାରଙ୍କ ସହାୟତାରେ ସ୍ୱୟଂ ସହାୟକ ଗୋଷ୍ଠୀ ସକ୍ରିୟ ଅଛନ୍ତି। ସେମାନେ ସ୍ୱାବଲମ୍ବୀ ହେବାକୁ ଅହରହ ଉଦ୍ୟମ ଚଳାଇଛନ୍ତି। ବିଭିନ୍ନ ପାରମ୍ପରିକ ସାମଗ୍ରୀ ପ୍ରସ୍ତୁତ କରି ଜିଲାର ସଂସ୍କୃତି, ଐତିହ୍ୟକୁ ବଞ୍ଚାଇ ରଖିଥିବା ଆଲୋଚନା ଅବସରରେ ବିଦେଶୀ ଛାତ୍ରୀଛାତ୍ରମାନେ କହିଛନ୍ତି।

ସଦର ଏବଂ ଓଡ଼ାପଡା ବ୍ଲକରେ କନ୍ୟା ସନ୍ତାନ ହାର କମ୍ ରହିଛି। ଗ୍ରାମ ପରିକ୍ରମା ସମୟରେ ସେମାନେ କନ୍ୟା ସନ୍ତାନ ସୁରକ୍ଷା, ଯତ୍ନ ଏବଂ ଆବଶ୍ୟକତା ସମ୍ପର୍କରେ ଗ୍ରାମବାସୀଙ୍କୁ ସଚେତନ କରାଇଛନ୍ତି। ଢେଙ୍କାନାଳ ଜିଲାରେ ଶିକ୍ଷାର ଯଥେଷ୍ଟ ଭିତ୍ତିଭୂମି ରହିଛି। ଏଥିପାଇଁ ଅଧିକ ପ୍ରୋତ୍ସାହନ ଆବଶ୍ୟକ ବୋଲି ସେମାନେ ଅନୁଭବ କରିଥିବା କହିଛନ୍ତି। ଜିଲାର କଳା ଓ ସଂସ୍କୃତି ନିଆରା। ଏଠାକାର ଲୋକେ ବିଶ୍ୱାସୀ, ଦରଦୀ ହୃଦୟର। ସେମାନେ ମିଳାମିଶା କରିବାକୁ ଭଲପାଆନ୍ତି। ଦେବାଂଶୀ ଡ୍ୟାନ୍ସ ଏକାଡେମୀରୁ ସେମାନେ ଶିକ୍ଷାଲାଭ କରିଥିବା ଓଡ଼ିଶୀ ନୃତ୍ୟ, କପିଳାସ ଚିଡ଼ିଆଖାନାର ହାତୀ, କୋଣାର୍କ ସୂର୍ଯ୍ୟ ମନ୍ଦିର ବୁଲି ଦେଖିବାର ଅନୁଭୂତି ଜୀବନ ସାରା ଅଭୁଲା ରହିବ। ସୁଯୋଗ ମିଳିଲେ ଆଉଥରେ ଓଡ଼ିଶା ଏବଂ ଢେଙ୍କାନାଳ ଆସିବାକୁ ଇଚ୍ଛା ବୋଲି ଛାତ୍ରୀଛାତ୍ରମାନେ କହିଛନ୍ତି।

ଏ ସମ୍ପର୍କରେ 'ଶୋଭା' ଅନୁଷ୍ଠାନର ନିର୍ଦ୍ଦେଶକ ଉଦୟେନ୍ଦୁ ମିଶ୍ର କୁହନ୍ତି, ରୋଚେଷ୍ଟର ବିଶ୍ୱବିଦ୍ୟାଳୟର ୫ ଛାତ୍ରୀଛାତ୍ର ଅଗଷ୍ଟ ୨୪ ଯାଏ ଜିଲା ପରିଦର୍ଶନରେ ଆସିଛନ୍ତି। ଏହି ଅବସରରେ ସେମାନେ ବିଭିନ୍ନ ଗ୍ରାମ ବୁଲି ଲୋକଙ୍କ ସହ ଭାବର ଆଦାନପ୍ରଦାନ କରିବା ସହ ସଚେତନତା ବାର୍ତ୍ତା ବାଣ୍ଟିଥିବା ସେ ସୂଚନା ଦେଇଛନ୍ତି।

## ଫଟୋରେ ଖବର



ଲଗାଣ ବର୍ଷା ଯୋଗୁ ଢେଙ୍କାନାଳ ସହରସ୍ଥିତ କୁଞ୍ଜକାନ୍ତ ପୋଖରୀରୁ ପାଣି ଉଛୁଳି ୩ନଂ. ୱାର୍ଡ ଅଞ୍ଚଳରେ ପ୍ରବେଶ କରିଛି। ସ୍ଥାନୀୟ କାଉନସିଲର ଜ୍ଞାନଚାନ୍ଦ ମିଶ୍ର ପୌର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ।

# ଅପହୃତ ଶିଶୁଙ୍କ ପତ୍ତା ମିଳୁନି

ଢେଙ୍କାନାଳ ଅଫିସ, ୨୨।୮

ଢେଙ୍କାନାଳ ଜିଲା ଗଁଦିଆ ଥାନା ଦେଓଗାଁ ପଞ୍ଚାୟତ ତୋଟାପଡ଼ା ଗ୍ରାମର ୩ବର୍ଷର ଶିଶୁ ବିକାଶ ପଧାନ ଅପହରଣ ଘଟଣାକୁ ବିତିଛି ୪୮ ଘଣ୍ଟା। ପୋଲିସ ଏବଂ ପ୍ରଶାସନର ଉଦ୍ୟମ ସତ୍ତ୍ୱେ ଶିଶୁକୁ ଠାବ କରାଯାଇପାରିନାହିଁ। ଏହାକୁ ନେଇ ପରିବାର ଲୋକେ ଆଶଙ୍କାରେ ରହିଛନ୍ତି। ପୁଅକୁ ସୁରକ୍ଷିତ ଭାବେ ଫେରାଇ ଆଣିବାକୁ ମା' ମାଳତି ପଧାନ ନିବେଦନ କରିଛନ୍ତି। ଅନ୍ୟପଟେ ଶିଶୁକୁ ଠାବ କରିବାକୁ ପୋଲିସ କଟକ ଜିଲା ଟାଙ୍ଗି ଅଞ୍ଚଳକୁ ଯାଇ ଖୋଳତାଡ଼ ଆରମ୍ଭ କରିଛି। ଏ ନେଇ ଟାଙ୍ଗି ପୋଲିସକୁ ଅବଗତ କରାଯାଇଛି। ଏ ସଂକ୍ରାନ୍ତରେ ଥାନା ଅଧିକାରୀ ନିରୁପମା ଜେନା କୁହନ୍ତି, ଟାଙ୍ଗି ସମେତ ଦେଓଗାଁ-ଟାଙ୍ଗି ଜଙ୍ଗଲ ରାସ୍ତାରେ ଖୋଜାଖୋଜି କରାଯାଇଛି। ଅପହୃତ ଶିଶୁକୁ ଉଦ୍ଧାର ପାଇଁ ଉଦ୍ୟମ ଜାରିରହିଛି। ଏ ସଂକ୍ରାନ୍ତରେ ନଂ. ୧୧୮/୧୮, ଦଫା ୩୬୩ରେ ଅପହରଣ ମାମଲା ରୁଜୁ କରାଯାଇଛି। ସୂଚନାଯୋଗ୍ୟ, ସୋମବାର କପିଳାସରୁ ଶ୍ରାବଣ ଜଳଲାଗି କରିବାକୁ ଆସିଥିବା କେତେଜଣ ଯୁବକ ବିକାଶଙ୍କୁ ଅପହରଣ କରି ନେଇଥିବା ଅଭିଯୋଗ ହୋଇଥିଲା। ଶିଶୁଜଣକ ମହ୍ଲାର ଆଦିବାସୀ ସମ୍ପ୍ରଦାୟର ହୋଇଥିବାରୁ ପ୍ରଶାସନ ଏହାକୁ ଗୁରୁତ୍ୱର ସହ ନେଇଛି।

# କଂଗ୍ରେସ ସାଙ୍ଗଠନିକ ବୈଠକ



ବୈଠକରେ ଯୋଗଦେଇଥିବା କଂଗ୍ରେସ କର୍ମକର୍ତ୍ତାମାନେ।

ସାତମାଇଲ, ୨୨।୮ (ଡି.ଏନ୍.ଏ.)

ସାତମାଇଲ ଜଳସେଚନ ଡାକବଙ୍ଗଳାରେ ବୁଧବାର ହିନ୍ଦୋଳ ବ୍ଲକ କଂଗ୍ରେସର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦିବାକର ନାଏକଙ୍କ ଆବାହକତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ନେତା ଛବିରାଜ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ହିନ୍ଦୋଳ ଉପଖଣ୍ଡ ଅଧୀନ ୪ ଜିଲା ପରିଷଦ ଜୋନ୍ର ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ। ତୃଣମୂଳସ୍ତରରୁ ସଙ୍ଗଠନକୁ ସୁଦୃଢ଼ କରିବା, ଜୋନ୍ ସଭାପତିଙ୍କ ନେତୃତ୍ୱରେ ପଞ୍ଚାୟତସ୍ତରୀୟ ଓ ବୁଥ୍ସ୍ତରୀୟ କମିଟି ଗଠନ କରିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ଜିଲା କାର୍ଯ୍ୟକାରୀ ସଭାପତି ସରୋଜ ପଟ୍ଟନାୟକ, ହାଟୁରା ଜୋନ ସଭାପତି ପର୍ଶୁରାମ ଗଡ଼ନାୟକ, ରାସୋଳ ଜୋନ ସଭାପତି ମନୋଜ ମିଶ୍ର, ବାବନ୍ଧ ଜୋନ ସଭାପତି ଦୁଷ୍ମନ୍ତ ଗଡନାୟକ, ପୂର୍ବତନ ବ୍ଲକ ସଭାପତି ଦାଶରଥି ରଥ, ବାମଦେବ ନାଏକ ପ୍ରମୁଖ ଯୋଗଦେଇ ସାଙ୍ଗଠନିକ ନୀତି ଉପରେ ଆଲୋଚନା କରିଥିଲେ।

## ପ୍ରସ୍ତାବିତ ମଦ ଦୋକାନକୁ ବିରୋଧ

ଢେଙ୍କାନାଳ ଅଫିସ, ୨୨।୮

ଓଡ଼ାପଡ଼ା ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତର ରାସ୍ତାକଡ଼ରେ ପ୍ରସ୍ତାବିତ ସରକାରୀ ବିଦେଶୀ ମଦ ଦୋକାନକୁ ଅଞ୍ଚଳବାସୀ ବିରୋଧ କରିଛନ୍ତି। ଏ ନେଇ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ଦେଇଛନ୍ତି। ଏଥିସହ ରାଜ୍ୟପାଳ, ମୁଖ୍ୟଶାସନ ସଚିବ, ଜିଲାପାଳ, ଡିଜି ଓ ଏସ୍ପିଙ୍କୁ ଅବଗତ କରାଇଛନ୍ତି। ହିନ୍ଦୋଳ ରୋଡ ରେଳଷ୍ଟେଶନ-ବସ୍ଷ୍ଟାଣ୍ଡ ରାସ୍ତାପାର୍ଶ୍ୱ, ଏକଘରିଆ, ଗୋଡିଡିହ ଗ୍ରାମ ରାସ୍ତା କଡରେ ମଦ ଦୋକାନ ଖୋଲିବାକୁ ପ୍ରସ୍ତାବ ରହିଛି। ଶାନ୍ତିଭଙ୍ଗ ଆଶଙ୍କା ଥିବାରୁ ମଦ ଦୋକାନ ପାଇଁ ଅନୁମତି ନ ଦେବାକୁ ୨୦୧୭ ମେ ମାସରେ ସ୍ଥାନୀୟ ବାସିନ୍ଦା ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ। ଚାପ ଆଗରେ ପ୍ରଶାସନ ମୁଣ୍ଡ ନୁହାଁଇଥିଲା। ପୁଣିଥରେ ପ୍ରସ୍ତାବିତ ସ୍ଥାନରେ ମଦ ଦୋକାନ ଖୋଲିବା ପ୍ରକ୍ରିୟା ଆରମ୍ଭ ହୋଇଛି। ମଦ ଦୋକାନ ଅନ୍ୟତ୍ର ସ୍ଥାନାନ୍ତର ନ ହେଲେ ଆନ୍ଦୋଳନ କରାଯିବ ବୋଲି ସୁବାସ ଚନ୍ଦ୍ର ରାଉତ, ବିଷ୍ଣୁ ମହାରଣା, ଚିନ୍ମୟୀ ବେହେରା, ରଶ୍ମିତା ବେହେରା, ଗଙ୍ଗାଧର ଭଞ୍ଜ, ଗୋପାଳକୃଷ୍ଣ ଦାସ, ସୌଦାମିନୀ ସେନାପତି, ରଣଜିତ ସେନାପତିଙ୍କ ସମେତ ବହୁ ଅଞ୍ଚଳବାସୀ ଲିଖିତ ଭାବେ ଜଣାଇଛନ୍ତି।

## ମହିଳାଙ୍କୁ ଆକ୍ରମଣ ମାମଲା

# ୧୪ ଅଭିଯୁକ୍ତ ଦଣ୍ଡିତ

ଢେଙ୍କାନାଳ ଅଫିସ, ୨୨।୮

ଢେଙ୍କାନାଳ ସଦର ଥାନା ସଦେଇବେରେଣୀ ପଞ୍ଚାୟତ ନବଜୀବନପୁର ଗ୍ରାମର ବିନୋଦିନୀ ବେହେରାଙ୍କ ଉପରେ ହୋଇଥିବା ଆକ୍ରମଣ ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ମହିଳା ଅଦାଲତ ବିଚାରପତି ଗୀତାଞ୍ଜଳି ନନ୍ଦ ଘଟଣାରେ ସମ୍ପୃକ୍ତ ୧୪ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି।

୨୦୧୫ ଅଗଷ୍ଟ ୨୧ ସନ୍ଧ୍ୟା ୭ଟାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବିନୋଦିନୀଙ୍କ ଉପରେ ଆକ୍ରମଣ ହୋଇଥିଲା। ଏ ନେଇ ସଦର ଥାନାରେ ଅଭିଯୋଗ ପରେ ନଂ. ୩୨୨/୧୫ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ପରେ ସେମାନେ ଜାମିନରେ ଆସିଥିଲେ। ଜିଆର୍ କେସ୍ ନଂ. ୯୩୧/୧୫ର ବିଚାର କରି ଅଭିଯୁକ୍ତା ମାନସୀ ପ୍ରଧାନ, ଭାରତୀ ମାଝି, ପୁଷ୍ପ ପଧାନ, ଜୟନ୍ତୀ ପଧାନଙ୍କୁ ମାସେ ଲେଖାଏଁ ଏବଂ ବସନ୍ତ ସାହୁ, କୁନା ପଧାନ, ବାବୁଲା ପଧାନ, ସୁଧୀର ପଧାନ, ଦୀନବନ୍ଧୁ ମାଝି, ଆଲିଆ ମାଝି, ଗଦାଧର ମାଝି, ରମେଶ ପଧାନ, ସୁମନ ପଧାନ, ଗଜେନ୍ଦ୍ର ବେହେରାଙ୍କୁ ୩ବର୍ଷ ଲେଖାଏଁ କାରାଦାଣ୍ଡାଦେଶ ଦିଆଯାଇଛି। ଏଥିସହ ୧ହଜାର ଟଙ୍କା ଜରିମାନା ଏବଂ ଅନାଦାୟ ଅଧିକ ୧୫ଦିନ ଜେଲଦଣ୍ଡ ଭୋଗିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାମଲାକୁ ଏପିପି ସୁଶାନ୍ତ କୁମାର ହୋତା, ଲକ୍ଷ୍ମୀଧର ପଣ୍ଡା ଏବଂ ପୁଷ୍ପକ ତ୍ରିପାଠୀ ପରିଚାଳନା କରିଥିଲେ।

# ଶିଶୁଗୃହରେ ଶିଶୁ ସୁରକ୍ଷା ଆୟୋଗ ସଦସ୍ୟ

ଢେଙ୍କାନାଳ ଅଫିସ, ୨୨।୮

ସୁପ୍ରିମକୋର୍ଟ ଓ ଜାତୀୟ ଶିଶୁ ସୁରକ୍ଷା ଆୟୋଗର ନିର୍ଦ୍ଦେଶକ୍ରମେ ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ସଦସ୍ୟ ମଙ୍ଗଳବାର ଢେଙ୍କାନାଳର ବିଭିନ୍ନ ଶିଶୁଗୃହ ପରିଦର୍ଶନ କରିଛନ୍ତି। ସଦସ୍ୟ ହରିହର ନାୟକ, ମନ୍ଦାକିନୀ କର ପ୍ରମୁଖ ବିଶ୍ୱକୁନ୍ତଳ, ମହର୍ଷି ଦୟାନନ୍ଦ ସର୍ଭିସ୍ ମିଶନ, ଆଦୃତା, ଉନ୍ମୁକ୍ତ ଓ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଅନୁଷ୍ଠାନ ବୁଲି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ କରିଥିଲେ। ଅନ୍ତେବାସୀଙ୍କୁ ଦିଆଯାଉଥିବା ଖାଦ୍ୟ, ପୋଷାକ, ଆବାସସ୍ଥଳୀ, ପାଠପଢ଼ା ବ୍ୟବସ୍ଥା, ସୁରକ୍ଷା ବ୍ୟବସ୍ଥା ନିରୀକ୍ଷଣ ମଧ୍ୟ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀଙ୍କ ସମେତ ଶିଶୁଗୃହର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ୧୭୯୨ ପ୍ରକଳ୍ପ ପ୍ରଦର୍ଶିତ



ଜ୍ଞାନବିଜ୍ଞାନ ମେଳାରେ ଛାତ୍ରୀଛାତ୍ର ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

ଢେଙ୍କାନାଳ ଅଫିସ, ୨୨।୮

ଢେଙ୍କାନାଳ ସହର ଉପକଣ୍ଠ ସୁନ୍ଦରିଖାଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବୁଧବାର ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନ ମେଳାରେ ୧୭୯୨ ପ୍ରକଳ୍ପ ସ୍ଥାନ ପାଇଥିଲା। ତନ୍ମଧ୍ୟରୁ ୨୧୫ ବିଜ୍ଞାନ ପ୍ରକଳ୍ପ, ୧୧୦ ଗଣିତ ପ୍ରକଳ୍ପ, ୧୩ ଗଣିତ ଚାର୍ଟ, ୩୨ ବିଜ୍ଞାନ ପ୍ରୟୋଗ, ୩୬ ଗଣିତ ପ୍ରୟୋଗ, ୧୨ ଗଣିତ ପତ୍ର ବାଚନ, ୨୯ ବିଜ୍ଞାନ ପତ୍ର ବାଚନ, ୧୫ ସଂସ୍କୃତି ଜ୍ଞାନ ପତ୍ର ବାଚନ, ୬୮ ଭୂଗୋଳ ପ୍ରକଳ୍ପ, ୫୭ ହସ୍ତକର୍ମ, ୨୭ ଗଣିତ ବିଜ୍ଞାନ ସଂସ୍କୃତି ଜ୍ଞାନ ପ୍ରଶ୍ନମଞ୍ଚ ଏବଂ ପୂର୍ବମେଳାରେ ପ୍ରଦର୍ଶିତ ୫୮୨ ପ୍ରକଳ୍ପ ରହିଛି। ମୁଖ୍ୟଅତିଥି ଭାବେ ଜିଲା ବିଜ୍ଞାନ କେନ୍ଦ୍ର ଅଧିକାରୀ ଶଙ୍କର ଗୁରୁଙ୍ଗ ଯୋଗଦେଇ ମେଳାକୁ ଉଦ୍ଘାଟନ କରିଥିଲେ। ଅନୁଷ୍ଠାନର ସଭାପତି କ୍ଷେତ୍ରବାସୀ ସାହୁ, ସମ୍ପାଦକ ବିଶ୍ୱନାଥ ବେହେରା, ପ୍ରଧାନ ଆଚାର୍ଯ୍ୟ ଲିଙ୍ଗରାଜ ମହାନ୍ତି ଓ ସହପ୍ରଧାନ ଆଚାର୍ଯ୍ୟ ମିଲୁ ଚରଣ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍ଯାପନୀ କାର୍ଯ୍ୟକ୍ରମରେ ବିଜ୍ଞାନ କେନ୍ଦ୍ର ପ୍ରଶିକ୍ଷକ ନିକୁଞ୍ଜ କୁମାର ସାହୁ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

## ଇଏ ବି ଜଣେ ମହିଳା

# ସନ୍ତୋଷଙ୍କ ଆଖି ସାଜିଛନ୍ତି ଶକୁନ୍ତଳା

*ସାମାନ୍ୟ ଭୁଲ ବୁଝାମଣାରୁ ଦାମ୍ପତ୍ୟ ଜୀବନରେ ସୃଷ୍ଟି ହେଉଛି ଫାଟ। ଥାନା, କୋର୍ଟ-କଚେରିଠାରୁ ଆରମ୍ଭ କରି ଛାଡ଼ପତ୍ର ଯାଏ କଥାଯାଉଛି। ପରସ୍ପରଠାରୁ ଅଲଗା ହୋଇ ବଞ୍ଚିବାକୁ ନିଷ୍ପତ୍ତି ନେଉଛନ୍ତି ଦମ୍ପତି। ହେଲେ ଜଣେ ଦୃଷ୍ଟିବାଧିତ ଦିବ୍ୟାଙ୍ଗ ସ୍ୱାମୀଙ୍କ କାନ୍ଧରେ କାନ୍ଧ ମିଳାଇ ଦାମ୍ପତ୍ୟ ସମ୍ପର୍କରେ ଭିନ୍ନ ଉଦାହରଣ ସୃଷ୍ଟି କରିଛନ୍ତି ଶକୁନ୍ତଳା।*



ସନ୍ତୋଷଙ୍କୁ ଟ୍ରଲି ଟାଣିବାରେ ସହଯୋଗ କରୁଛନ୍ତି ଶକୁନ୍ତଳା।

ଭୁବନ, ୨୨।୮ (ଡି.ଏନ.ଏ.)

ଘରେ ବୃଦ୍ଧା ମା', ଦିବ୍ୟାଙ୍ଗ ଭଉଣୀ ଓ ଝିଅ। ପରିବାରର ସବୁ ଜଞ୍ଜାଳ ତାଙ୍କରି ମୁଣ୍ଡରେ। ତଥାପି ହାରିନାହାନ୍ତି ସନ୍ତୋଷ ପୋଥାଳ। କାରଣ ତାଙ୍କ ଅସଜଡ଼ା ଜୀବନକୁ ସଜାଡ଼ି ଚାଲିଛନ୍ତି ସ୍ତ୍ରୀ ଶକୁନ୍ତଳା। ଦୁନିଆକୁ ଭଲଭାବେ ଦେଖି ନ ଥିବା ଦୃଷ୍ଟିବାଧିତ ସନ୍ତୋଷ ଏବେ ଦେଖୁଛନ୍ତି ସ୍ତ୍ରୀଙ୍କ ଆଖିରେ। ରିକ୍ସା ଚଳାଇ ପେଟ ପୋଷୁଥିବା ପୋଥାଳ ଦମ୍ପତି ଏବେ ସେମାନଙ୍କ କଷ୍ଟାର୍ଜିତ ଟଙ୍କାରେ ବେଶ୍ ଖୁସି।

ଢେଙ୍କାନାଳ ଜିଲା ଭୁବନ ଏନ୍ଏସି ଅନ୍ତର୍ଗତ ୧୩ନଂ. ୱାର୍ଡରେ ରୁହନ୍ତି ସନ୍ତୋଷ। ବୃଦ୍ଧା ମା', ଅବିବାହିତା ଦିବ୍ୟାଙ୍ଗ ଭଉଣୀ, ଭିନ୍ନକ୍ଷମ ଝିଅ, ସ୍ତ୍ରୀ ଶକୁନ୍ତଳାଙ୍କୁ ନେଇ ତାଙ୍କ ପରିବାର। ଜନ୍ମରୁ ସନ୍ତୋଷଙ୍କ ଦୁଇ ଆଖିକୁ ଭଲ ଭାବେ ଦେଖାଯାଉନାହିଁ। ବାପା ପଞ୍ଚାନନ ଜଣେ ଦିବ୍ୟାଙ୍ଗ ଥିଲେ। ସେ ମଧ୍ୟ ଟ୍ରଲି ଟାଣୁଥିଲେ। ତାଙ୍କ ମୃତ୍ୟୁ ପରେ ଏହି କାମ କରୁଛନ୍ତି ସନ୍ତୋଷ। ଆଖିକୁ ଦେଖାଯାଉ ନ ଥିବାରୁ ଟ୍ରଲି ଟାଣିବା ତାଙ୍କ ପକ୍ଷେ ସହଜ ନ ଥିଲା। ହେଲେ ଏନ୍ଏସିର ୧ନଂ. ୱାର୍ଡରେ ରହୁଥିବା ନାରାୟଣ ଦାସଙ୍କ ଝିଅ ଶକୁନ୍ତଳା ତାଙ୍କ ଜୀବନକୁ ଆସିବା ପରେ ସବୁକିଛି ଯେମିତି ସହଜ ହୋଇଯାଇଛି। ବିବାହ ପରେ ଟ୍ରଲି ଟାଣିବାରେ ସ୍ୱାମୀଙ୍କୁ ସହଯୋଗ କରି ଆସୁଛନ୍ତି ଶକୁନ୍ତଳା। ଏଥିପାଇଁ ଉଭୟଙ୍କୁ କଠିନ ପରିଶ୍ରମ କରିବାକୁ ପଡୁଛି।

ଏ ସଂକ୍ରାନ୍ତରେ ଶକୁନ୍ତଳା କୁହନ୍ତି, ପ୍ରତିଦିନ ଭୋର୍ ୫ଟା କାଳୀବଜାରରେ ପହଞ୍ଚିବା ବେଳକୁ ବ୍ୟବସାୟୀମାନେ ଅପେକ୍ଷା କରି ରହିଥାନ୍ତି। ଗ୍ରୋସରି, ସିମେଣ୍ଟ ବସ୍ତାଠାରୁ ଆରମ୍ଭ କରି ବ୍ୟବସାୟିକ ସାମଗ୍ରୀ ବୋହିବା ପ୍ରମୁଖ କାମ। ମଧ୍ୟାହ୍ନ ୧୨ଟା ଯାଏ ଟ୍ରଲିରେ ଜିନିଷ ବୁହା ହୁଏ। ଭଲ ବ୍ୟବହାର ପାଇଁ ସମସ୍ତେ କାମ କରିବାକୁ ଡାକୁଛନ୍ତି। ଉଚିତ ପାରିଶ୍ରମିକ ବି ମିଳୁଛି। ସ୍ୱାମୀଙ୍କ ସହ କାମ କରିବାରେ ଯେଉଁ ସମ୍ମାନ ଆଉ ଆନନ୍ଦ ତାହା ଅନ୍ୟ କେଉଁଠୁ ମିଳିବ ବୋଲି କଥାଛଳରେ କୁହନ୍ତି ଶକୁନ୍ତଳା।

ନିଜର ସଂଘର୍ଷମୟ ଜୀବନ ସମ୍ପର୍କରେ ସନ୍ତୋଷ କୁହନ୍ତି, ଉପାର୍ଜିତ ଟଙ୍କାରେ ୨ଭଉଣୀଙ୍କ ବିବାହ କରାଇପାରିଛନ୍ତି। ଝିଅ ଆଖିକୁ ମଧ୍ୟ ଭଲ ଭାବେ ଦିଶୁନାହିଁ। ସେ ଷଷ୍ଠ ଶ୍ରେଣୀରେ ପାଠ ପଢୁଛି। ବାଣୀଶ୍ରୀ ବୃତ୍ତି ମଧ୍ୟ ପାଇଛି। ଝିଅ ଭବିଷ୍ୟତକୁ ଦେଖିବାକୁ ପଡୁଛି। ସ୍ତ୍ରୀ ଶକୁନ୍ତଳା ସହଯୋଗ ବିନା ସେ ଏତେ ବାଟ ଆସିପାରି ନ ଥାନ୍ତେ। ବୋଲି କହିଛନ୍ତି। ପରିବାରର ୩ଜଣ ଦିବ୍ୟାଙ୍ଗ ହୋଇଥିଲେ ସୁଦ୍ଧା ସନ୍ତୋଷ ସରକାରୀ ଯୋଜନାରୁ ବଞ୍ଚିତ ହୋଇ ରହିଛନ୍ତି। ମାତ୍ର ୩ଶହ ଟଙ୍କା ଭତ୍ତା ମିଳୁଛି। ବାସଗୃହ, ପାଇଖାନା ପାଇଁ ଆବେଦନ କରିଥିଲେ ମଧ୍ୟ କୌଣସି ସହାୟତା ମିଳିନାହିଁ। ଆଧାର କାର୍ଡ ହଜିଯାଇଥିବାରୁ ସରକାରୀ ଯୋଜନାରୁ ବଞ୍ଚିତ ହୋଇ ରହିଛନ୍ତି। ପ୍ରଶାସନ ସହଯୋଗର ହାତ ବଢ଼ାଇଲେ ତାଙ୍କ ପରିବାର ଉପକୃତ ହୋଇପାରିବ ବୋଲି ସେ କହିଛନ୍ତି।

